## ସଂକ୍ଷେପରେ

### ୧୩୮ କରୋନା ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୧୯।୬:** ଅନୁଗୋଳ ଜିଲାରୁ ଶନିବାର ୧୩୮ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୩୧୬ ଜଣ ସୁସ୍ଥ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଆଠମଲ୍ଲିକ ବ୍ଲକରୁ ୩୭, ଅନୁଗୋଳ ବ୍ଲକରୁ ୨୬, ତାଳଚେର ବ୍ଲକରୁ ୧୮, ବଅଁରପାଳ ବ୍ଲକରୁ ୧୫, ଛେଣ୍ଡିପଦା ବ୍ଲକରୁ ୧୨, ଅନୁଗୋଳ ପୌରାଞ୍ଚଳରୁ ୬, ତାଳଚେର ପୌରାଞ୍ଚଳରୁ ୬, ପାଲଲହଡ଼ା ବ୍ଲକରୁ ୫, ଆଠମଲ୍ଲିକ ଏନ୍ଏସିରୁ ୪ ଓ କିଶୋରନଗର ବ୍ଲକରୁ ୩ ଜଣ ଅଛନ୍ତି। ସେହିପରି ଜିଲାରୁ ୨ ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି। ଏହାପରେ ମୋଟ କୋଭିଡ୍ଜନିତ ମୃତ୍ୟୁ ସଂଖ୍ୟା ୧୫୯ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ପଡ଼ୋଶୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**କଣିହାଁ,୧୯।୬(ଡି.ଏନ୍.ଏ.):** ଅଳିଆ ପକାଇବାକୁ କେନ୍ଦ୍ରକରି ପଡ଼ୋଶୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ କଣିହାଁ ବ୍ଲକ ସମଲ ଥାନା ପୋଲିସ ଶନିବାର ଟିପୋ ଗ୍ରାମର ହରିଶଙ୍କର ମେହେରଙ୍କୁ ଗିରଫ କରିଛି। ଅଳିଆ ପକାଇବାକୁ କେନ୍ଦ୍ରକରି ଶୁକ୍ରବାର ହରିଶଙ୍କର ଏବଂ ତାଙ୍କ ପଡ଼ୋଶୀ ସୁରେଶ ସାହୁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉତ୍ୟକ୍ତ ହରିଶଙ୍କର ଏକ ଭୁଜାଲିରେ ସୁରେଶଙ୍କୁ ଆକ୍ରମଣ କରିଥିଲେ। ସୁରେଶଙ୍କ ସ୍ତ୍ରୀ ରମାଙ୍କ ଅଭିଯୋଗକ୍ରମେ ନଂ. ୧୩୮/୨୧ରେ ମାମଲା ରୁଜୁ ହୋଇଥିଲା।

### କରୋନାରେ ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

**ବଇଣ୍ଡା,୧୯।୬(ଡି.ଏନ୍.ଏ.):** କିଶୋରନଗର ବ୍ଲକ ଜାମୁନାଳି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରହ୍ଲାଦ ମାଝି (୬୫)ଙ୍କ ଶନିବାର କରୋନାରେ ପରଲୋକ ହୋଇଯାଇଥିବା ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ ସୂଚନା ଦେଇଛନ୍ତି। ଗୋଳାସର ଗ୍ରାମର ପ୍ରହ୍ଲାଦ କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ବଳରାମପ୍ରସାଦସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୂଚନାଯୋଗ୍ୟ, କିଛିଦିନ ତଳେ ପ୍ରହ୍ଲାଦଙ୍କ ପୁଅ କରୋନାରେ ପ୍ରାଣ ହରାଇଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭାଜପା ନେତା ଭାଗୀରଥି ପ୍ରଧାନ, ପ୍ରଶ୍ନ ମିଶ୍ର, ପ୍ରତାପ ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

### ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୧୯।୬:** ଅନୁଗୋଳ ସଦର ଥାନା ମୃଷାପାପୁଲି ଅଞ୍ଚଳର ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟ୍ ଘଟଣାରେ ପୋଲିସ ହେମସୁରପଡ଼ାର ରାହୁଲ ମିଶ୍ର (୨୩)ଙ୍କୁ ଗିରଫ କରିଛି। ଗତ ଏପ୍ରିଲରେ ମୃଷାପାପୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଦ୍ୟୁତ୍ପ୍ରଭା ସୁବୁଦ୍ଧି ପ୍ରାତଃ ଭ୍ରମଣ କରୁଥିବା ବେଳେ ୨ ଜଣ ଯୁବକ ଏକ ବାଇକ୍ରେ ଆସି ସୁନା ଚେନ୍ ଝାମ୍ପି ନେଇଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

### ୬୬ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା,୧୯।୬(ସ୍ୱ.ପ୍ର.):** ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ବୁଧବାର କୁକୁରପେଟା ଡ୍ୟାମ୍ ନିକଟ ଏକ ହୋଟେଲରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ବିଜେଡି ସଭାପତି ଦୀନେଶ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ମୋଟ ୬୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ ବେହେରା ଯୋଗ ଦେଇଥିଲେ। ସତ୍ୟବ୍ରତ ଦେହୁରୀ, ଆଶିଷ ପ୍ରଧାନ, ଗୋପବନ୍ଧୁ ସାହୁ, ଖଗପତି ପ୍ରଧାନ, ତପନ ସାହୁ, ସୁବୋଧ ସାହୁ, ଅବିନାଶ ସାହୁ, ମୋତିଲାଲ ଦେହୁରୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ୧୨୦ ଜଣଙ୍କୁ ପଟ୍ଟା ବଣ୍ଟନ

**ଛେଣ୍ଡିପଦା,୧୯।୬(ସ୍ୱ.ପ୍ର.):** ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ରଥର ଶୁଭାରମ୍ଭ ହୋଇଛି। ଏହି ରଥ କୋଶଳା, ଜରପଡା, ଛେଣ୍ଡିପଦା, ବାଗଡିଆ, ଖମାର, ବାଲିପଟା, କଣଲୋଇ ଅଞ୍ଚଳ ପରିକ୍ରମା କରି ୧୨୦ ଜଣ ହିତାଧିକାରୀ ଜମିପଟ୍ଟା ବଣ୍ଟନ କରିଛି। ଘର ନିକଟରେ ରାଜସ୍ୱ ସେବା ଯୋଗାଇବା, ରାଜସ୍ୱ ସେବା କାର୍ଯ୍ୟ ସମ୍ପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ରଥର ଶୁଭାରମ୍ଭ କରାଯାଇଛି। କରୋନା କଟକଣା ସମୟରେ ଏହି ରଥ ଗାଁ ଗାଁ ବୁଲି ପଟ୍ଟା ବଣ୍ଟନ କରୁଥିବା ତହସିଲଦାର ଡାନିଏଲ ଏକ୍କା ସୂଚନା ଦେଇଛନ୍ତି।

# ସଫେଇ ଲାଗି ମିଳୁନି ସହଯୋଗ

**ଅନୁଗୋଳ ଅଫିସ, ୧୯।୬**



ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି।

- ପୁଣି ପୌରାଞ୍ଚଳରୁ ଉଠିଲାନି ଆବର୍ଜନା
- ସପ୍ତାହରେ ୩ ଥର ଅବ୍ୟବସ୍ଥା
- ଠିକାସଂସ୍ଥାକୁ ଚିଠି ଲେଖିଲେ ନିର୍ବାହୀ ଅଧିକାରୀ

ଅନୁଗୋଳ ପୌରସଂସ୍ଥାକୁ ସହଯୋଗ କରୁନି ସଫେଇ ଦାୟିତ୍ୱ ନେଇଥିବା ଠିକାସଂସ୍ଥା। ଫଳରେ ଆବର୍ଜନା ପରିଚାଳନାରେ ବ୍ୟାପକ ବିଭ୍ରାଟ ସୃଷ୍ଟି ହେଉଛି। ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କ ଅସହଯୋଗରୁ ଗତ ସୋମବାର ଏବଂ ମଙ୍ଗଳବାର ସହରରୁ ଅଳିଆ ଉଠିପାରି ନ ଥିଲା। ଶନିବାର ଏହାର ପୁନରାବୃତ୍ତି ହୋଇଛି। ବିଭିନ୍ନ ଦାବି ନେଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣାରେ ବସିଛନ୍ତି ସଫେଇ କର୍ମଚାରୀ। ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ପୁରସ୍କାର ହାତେଇବାକୁ ଅଧିକାରୀମାନେ ସମୀକ୍ଷା କରି ସହର ପରିଚ୍ଛନ୍ନ ରଖିବାକୁ ଯୋଜନା କରୁଥିବାବେଳେ ଠିକାସଂସ୍ଥାର ଏଭଳି ମନୋଭାବ ଏଥିରେ କଣ୍ଟା ସାଜିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅନ୍ୟପଟେ ବାରମ୍ବାର ସଫେଇରେ ବିଭ୍ରାଟ ହେଉଥିବାରୁ ପୌରସଂସ୍ଥା ପକ୍ଷରୁ ଠିକାସଂସ୍ଥାକୁ ଚିଠି କରାଯାଇଛି।

ଅନୁଗୋଳ ସହରର ଆବର୍ଜନା ସଫେଇକୁ ନେଇ ବିଭିନ୍ନ ସମୟରେ ବିବାଦ ସୃଷ୍ଟି ହେଉଛି। କେତେବେଳେ ସଫେଇ କର୍ମଚାରୀଙ୍କ ଦାବି ପୌରପାଳିକା ପୂରଣ କରୁ ନ ଥିବା ଅଭିଯୋଗ ହେଉଛି ତ ଆଉ କେତେବେଳେ ଅନିୟମିତତା ଧରିଲେ ସଫେଇ କର୍ମଚାରୀ ଧାରଣାରେ ବସିଯାଉଛନ୍ତି। ଏହି କାରଣରୁ ଚଳିତ ସପ୍ତାହରେ ୩ଦିନ ଆବର୍ଜନା ଉଠିପାରିନାହିଁ। ନିକଟରେ ପୌରପାଳିକାରେ ସଫେଇ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ୩ଜଣଙ୍କ ବିରୋଧରେ ପୌର କର୍ତ୍ତୃପକ୍ଷ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ସହରରେ ଦୁଇଓଳି ସଫେଇ ହେଉଥିଲା। ଶନିବାର ସକାଳେ ପୁରୁଣା ଦାବି ଦୋହରାଇ ପୁଣିଥରେ ସଫେଇ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ସହକର୍ମୀଙ୍କ ନାମରେ ଥାନାରେ ହୋଇଥିବା ଅଭିଯୋଗକୁ ପ୍ରତ୍ୟାହାର କରିନେବା ଲାଗି ସେମାନେ ଅଡ଼ି ବସିଛନ୍ତି। ଅନ୍ୟପଟେ ବର୍ଷାରେ ଆବର୍ଜନା ଉଠି ନ ପାରିବାରୁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ତେଣୁ ବିବାଦର ସ୍ଥାୟୀ ସମାଧାନ କରି ତୁରନ୍ତ ଅଳିଆ ଉଠାଇବାକୁ ସହରବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କୁହନ୍ତି, ସହର ସଫେଇ କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ। କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କୁ ଅବ୍ୟାହତି ଦିଆଯାଇ ନୂଆଲୋକଙ୍କୁ ରଖିବାକୁ ଠିକାସଂସ୍ଥାକୁ କୁହାଯାଇଛି। ସଫେଇ କର୍ମଚାରୀଙ୍କୁ କେତେଜଣ ବ୍ୟକ୍ତି ଲୋକ ଭୁଲ୍ ବାଟରେ ନେଉଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସଫେଇ କର୍ମଚାରୀଙ୍କ ଦାବି ପୂରଣ କରାଯିବ ବୋଲି ଆଲୋଚନା କରାଯାଇଛି। କିନ୍ତୁ କାର୍ଯ୍ୟରେ ଅସହଯୋଗ କରୁଥିବାରୁ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ।



ଅନୁଗୋଳ ସହର ସୌଭାଗ୍ୟନଗର ଅଞ୍ଚଳର ସୁଧାନନ୍ଦ ପଣ୍ଡାଙ୍କ ବାଡ଼ିରେ ଫୁଟିଥିବା ବ୍ରହ୍ମକମଳ।

# ମୃତ ଶିଶୁଙ୍କ ମା'ବାପାଙ୍କ ବୟାନ ରେକର୍ଡ

**ଜାଲ୍ ଦସ୍ତଖତ କରି ଟଙ୍କା ଆତ୍ମସାତ୍ ଘଟଣା**

**ଅନୁଗୋଳ ଅଫିସ, ୧୯।୬**

ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମିଳିଥିବା କ୍ଷତିପୂରଣ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଅନୁଗୋଳ ପୋଲିସ ଦ୍ୱାରା ଗତ ୧୬ ତାରିଖରେ ଗିରଫ ହୋଇଛନ୍ତି ସ୍ଥାନୀୟ ଶିମିଳିପଡ଼ା ଅଞ୍ଚଳର ମାନବାଧିକାର କର୍ମୀ ସଙ୍ଗୀତା ସ୍ୱାଇଁ। ଉକ୍ତ ବିମାନ ଦୁର୍ଘଟଣାରେ ୩ ମୃତକଙ୍କ ମଧ୍ୟରେ ଜଣେ ୭ ବର୍ଷର ଶିଶୁପୁତ୍ର ସମ୍ମିତ୍ ନାଏକ ଥିଲେ। ଅନୁଗୋଳ ପୋଲିସ ସମ୍ପୃକ୍ତ ଶିଶୁଙ୍କ ମା' ପଦ୍ମାବତୀ ନାଏକ ଓ ବାପା ଲିକୁ ନାଏକଙ୍କୁ ବାଲେଶ୍ୱରରୁ ଆଣି ମାଜିଷ୍ଟ୍ରେଟ୍ଙ୍କ ନିକଟରେ ବୟାନ୍ ରେକର୍ଡ କରାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୧୬ରେ ପଶ୍ଚିମବଙ୍ଗ ମେଦିନାପୁରସ୍ଥିତ କାଲାଇକୁଣ୍ଡା ବାୟୁସେନା ପ୍ରଶିକ୍ଷଣ କେନ୍ଦ୍ରରୁ ଏକ ବିମାନ ଉଡ଼ାଣ ଭରିଥିଲା। ତେବେ କୌଣସି କାରଣରୁ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଖସିପଡ଼ିଥିଲା। ଦୁର୍ଘଟଣାରେ ସ୍ଥାନୀୟ ଅଞ୍ଚଳର ଏକ ଦମ୍ପତିଙ୍କ ସମେତ ୭ବର୍ଷର ଶିଶୁ ସମ୍ମିତ୍ଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ସଙ୍ଗୀତା ମାନବାଧିକାର କମିଶନଙ୍କ ନିକଟରେ ଏକ ମାମଲା ରୁଜୁ କରି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏହାପରେ ବାୟୁସେନା ପକ୍ଷରୁ ୨୦୧୯ରେ କ୍ଷତିପୂରଣ ବାବଦରେ ୧୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କିନ୍ତୁ ସଙ୍ଗୀତା ଉକ୍ତ ଅର୍ଥ ଆତ୍ମସାତ କରିଥିଲେ। ଏ ନେଇ କୋଲକାତା ବାୟୁସେନାର କମାଣ୍ଡାଣ୍ଟ ଅନୁଗୋଳ ପୋଲିସକୁ ଇ-ମେଲ୍ ଜରିଆରେ ଲିଖିତ ଅଭିଯୋଗ ପଠାଇଥିଲେ।

# କୋଇଲା ବିକ୍ରି ଅଭିଯୋଗରେ ୨ ଗିରଫ

**ତାଳଚେର, ୧୯।୬(ନି.ପ୍ର.)**

ଭୁବନେଶ୍ୱରୀ ଖଣିରୁ କଣିହାଁସ୍ଥିତ ଜିନ୍ଦଲ କମ୍ପାନୀକୁ ଯୋଗାଣ ହେଉଥିବା କୋଇଲା ବିକ୍ରି କରିଦେଇଥିବା ଅଭିଯୋଗରେ ତାଳଚେର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଡ଼ି ମାଲିକ ତଥା କାମାକ୍ଷାନମଗର ବାଙ୍ଗୁରା ଗ୍ରାମର ରାକେଶ ଜେନା ଏବଂ ଡ୍ରାଇଭର ତାଳଚେର ଧରମପୁର ଗ୍ରାମର ହେମନ୍ତ ମହାପାତ୍ର। ପୋଲିସ କହିଛି, ଲଜିଷ୍ଟିକ୍ ଟ୍ରାନ୍ସପୋର୍ଟ କମ୍ପାନୀ ମାଧ୍ୟମରେ ଜିନ୍ଦଲ କମ୍ପାନୀର କୋଇଲା ପରିବହନ ହୋଇଥାଏ। ଗତ ଜୁନ୍ ୩ରେ ହେମନ୍ତ ଟ୍ରକ୍ (ନଂ. ଓଆର୍ ୦୬ ଜି ୭୧୦୬)ରେ ଭୁବନେଶ୍ୱରୀ କୋଇଲା ଖଣିରୁ କୋଇଲା ଲୋଡ୍ କରିଥିଲେ। ତେବେ ୧୮ ତାରିଖ ସୁଦ୍ଧା ଜେଆଇଟିପିଏଲ୍ କଣିହାଁରେ ଟ୍ରକ୍ ଡ୍ରାଇଭର କୋଇଲା ଅନ୍ଲୋଡ୍ କରି ନ ଥିଲେ।



ଗିରଫ ଦୁଇ ଅଭିଯୁକ୍ତ।

ଉକ୍ତ କୋଇଲା ବାହାରେ ବିକ୍ରି କରାଯାଇଥିବା ସନ୍ଦେହରେ କମ୍ପାନୀ ମ୍ୟାନେଜର ମନୋଜ କୁମାର ପ୍ରଧାନ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୪୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କୋଲ୍ କରିଡର ରାସ୍ତାରୁ ଉକ୍ତ ଟ୍ରକ୍କୁ ଜବତ କରାଯିବା ସହିତ ଗାଡ଼ି ମାଲିକ ଓ ଡ୍ରାଇଭରଙ୍କୁ ଗିରଫ କରାଯାଇଛି।

# ଧରାପଡ଼ିଲେ ୬ ଅଭିଯୁକ୍ତ



ଗିରଫ ଅଭିଯୁକ୍ତଙ୍କ ସମେତ ଜବତ ହୋଇଥିବା ଅଳଙ୍କାର, ମୋବାଇଲ ଓ ମାରଣାସ୍ତ୍ର।

**ଢେଙ୍କାନାଳ ଅଫିସ, ୧୯।୬**

**ଲୁଟ୍ ଅଳଙ୍କାର ଜବତ**

ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥର କଣ୍ଟାନାଳୀ ବାଇପାସ୍ ଅଞ୍ଚଳରୁ ଗତ ୧୦ ତାରିଖ ରାତିରେ ହୋଇଥିବା ଲୁଟ୍ ଘଟଣାରେ ପୋଲିସ ୨ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ମୋଟ ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ସୁନା ଅଳଙ୍କାର, ୭ହଜାର ୬୦୦ ଟଙ୍କା, ୨ ମୋବାଇଲ ଏବଂ ମାରଣାସ୍ତ୍ର ଜବତ କରାଯାଇଛି। ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ମଧ୍ୟାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍ଡିପିଓ ବିକାଶ ଚନ୍ଦ୍ର ବେଉରା ସୂଚନା ଦେଇଛନ୍ତି।

ଘଟଣା ଦିନ ରାତି ପ୍ରାୟ ସାଢ଼େ ୮ଟାରେ ୩ଜଣ ଯୁବକ ମୁହଁରେ ଗାମୁଛା ବାନ୍ଧି କଣ୍ଟାନାଳୀ ବାଇପାସ୍ ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ପଶିଥିଲେ। ପରିବାର ସଦସ୍ୟଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ସେମାନଙ୍କଠାରୁ ମୋବାଇଲ ଏବଂ ଅଳଙ୍କାର ନେଇଯାଇଥିଲେ। ଏ ନେଇ ନଂ. ୨୩୬/୨୧ରେ ମାମଲା ରୁଜୁ ହୋଇଥିଲା। ଟାଉନ ଥାନା ପୋଲିସ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ଅନ୍ୟ ୪ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଢେଙ୍କାନାଳ ସହରର ବୋଲି ପୋଲିସ କହିଛି। ଖବରଦାତା ସମ୍ମିଳନୀରେ ଟାଉନ ଥାନାଧିକାରୀ ନମିତା ନାୟକ, ତଦନ୍ତକାରୀ ଅଧିକାରୀ ଏସ୍ଆଇ ଚନ୍ଦ୍ରକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡ଼ି ଲୁଟ୍ ଉଦ୍ୟମ

**ଆଠମଲ୍ଲିକ, ୧୯।୬(ଡି.ଏନ୍.ଏ.)**

ଅନୁଗୋଳ ଜିଲା ବଇଣ୍ଡା-ଆଠମଲ୍ଲିକ ୬୨ନଂ. ରାଜ୍ୟ ରାଜପଥର ଝରଝରି ଘାଟିରେ ଡକାୟତ ଗୋଷ୍ଠୀ ଆତଙ୍କ ସୃଷ୍ଟି କରିଛି। ଡ୍ରାଇଭରଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ମିନିଟ୍ରକ୍ (ନଂ. ଓଡି ୦୨ ଏଆର ୨୫୨୪) ଲୁଟ୍ ଉଦ୍ୟମ କରିଛନ୍ତି। ଏ ସଂକ୍ରାନ୍ତରେ ଗାଡ଼ି ମାଲିକଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୯୩/୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବଲାଙ୍ଗୀର ଅଞ୍ଚଳର ଉକ୍ତ ମିନି ଟ୍ରକ୍ ତାଳଚେରରେ ଜିନିଷପତ୍ର ଅନ୍ଲୋଡ଼ କରି ଫେରୁଥିଲା। ଏହି ସମୟରେ ଏକ ବୋଲେରୋରେ ୩ଜଣ ଯୁବକ ଆସି ଡ୍ରାଇଭରଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଗାଡ଼ି ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ତେବେ ଡ୍ରାଇଭର ଚିତ୍କାର କରିବାକୁ ସେମାନେ ବଇଣ୍ଡା ଅଭିମୁଖେ ପଳାଇଥିଲେ। ଆଠମଲ୍ଲିକ ପୋଲିସ ପହଞ୍ଚି ଡ୍ରାଇଭର ଜିତେନ୍ଦ୍ର ପ୍ରଧାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଶେଷ ବଦଳି

**ଡ. ବିଶ୍ୱଭାରତୀ**

ନନା (ଆମେ ବାପାଙ୍କୁ ନନା ଡାକୁ) ଚାକିରି କରିବାର ପ୍ରାୟ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଆମଘରେ ଟିଭି, ଫ୍ରିଜ୍ ବା କୌଣସି ଆସବାବପତ୍ର ନ ଥିଲା। ଏସବୁ କିଣିବା ପାଇଁ ଇଚ୍ଛା ବା ଟଙ୍କା ପଇସାର ଅଭାବ ତ ଥିଲା। କାରଣ ଅଧିକାଂଶ ସମୟରେ ଦରମାର ଏକ ବଡ଼ ଭାଗ ଗାଁର ଗରିବପିଲାଙ୍କ ପାଠପଢ଼ା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବା କୌଣସି ରୋଗୀର ଡାକ୍ତରଖାନା ଖର୍ଚ୍ଚ ବାବଦରେ ବ୍ୟୟ କରିବାକୁ ନନା ବେଶି ଭଲ ପାଉଥିଲେ। କିନ୍ତୁ ଏସବୁ ସହିତ ଅନ୍ୟ ଏକ ବଡ଼ କାରଣ ଥିଲା ଯେ, ବଦଳି ଅର୍ଡର ବାହାରିବାର ଚବିଶଘଣ୍ଟା ଭିତରେ ନନା ସେ ସ୍ଥାନ ପରିତ୍ୟାଗ କରୁଥିଲେ। ଖୁବ୍ କମ୍ ସମୟ ଭିତରେ ଦୁଇଟି ବାକ୍ସରେ ଲୁଗାପଟା, ବାସନକୁସନ ଓ ବହିପତ୍ର ରଖି ଦିଆଯାଉଥିଲା ଏବଂ ଦୁଇଟି ସଅପରେ କନ୍ଥା ତକିଆ ବନ୍ଧା ହେଉଥିଲା। ଏସବୁ ବସ୍ରେ ଲଦି ଆମମାନଙ୍କୁ ନେଇ ନନା ନୂତନ କର୍ମସ୍ଥଳୀକୁ ଚାଲି ଯାଉଥିଲେ। ଏ ଘଟଣା ଏତେ ଅପ୍ରତ୍ୟାଶିତ ଭାବେ ଘଟୁଥିଲା ଯେ ସ୍ଥାନୀୟ ଲୋକେ ତଥା କର୍ମସଙ୍ଗୀମାନେ ବିଶ୍ୱାସ କରିପାରୁ ନ ଥିଲେ। ଯେ କୌଣସି ଜାଗାରେ ଯୋଉ କାମ ବି କରୁଥିଲେ, ଏତେ ନିଷ୍ଠାର ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇ ଉତ୍ସାହ ଉଦ୍ଦୀପନାର ସହିତ କରୁଥିଲେ ଯେ ଖୁବ୍ କମ୍ ଦିନ ଭିତରେ ଅନେକ କାଳର ଅସଜଡ଼ା କାମ ନୂଆରୂପରେ ନିଖୁଣ ଭାବରେ ହୋଇଯାଉଥିଲା। ତେଣୁ ଯେତେବେଳେ ତାଙ୍କର ବଦଳି ଅର୍ଡର ବାହାରୁ ଥିଲା ଲୋକେ ସ୍ତବ୍ଧ ହୋଇଯାଉଥିଲେ। ବ୍ୟାକୁଳ ହୋଇ କହୁଥିଲେ, ଏତେ ଶୃଙ୍ଖଳିତ ଭାବରେ ସଜାଡ଼ି ଦେଇଥିବା କାମ ସବୁ ଆପଣ ଏଠୁ ଚାଲିଗଲେ କେମିତି ହେବ? ଦୟାକରି ଆପଣ ଏଠୁ ଯାଆନ୍ତୁ ନାହିଁ। ଏ ବଦଳି ଅର୍ଡରକୁ ଗ୍ରହଣ କରନ୍ତୁ ନାହିଁ। ଅନେକ ସମୟରେ ଏମିତି ବି ହେଇଛି ଯେ, ସ୍ଥାନୀୟ ଲୋକେ ବା କାର୍ଯ୍ୟାଳୟର କର୍ମଚାରୀମାନେ ନିଜ ତରଫରୁ ଉପରିସ୍ଥ ଅଧିକାରୀମାନଙ୍କୁ ନନାଙ୍କ ବଦଳି ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। କିନ୍ତୁ ପ୍ରତ୍ୟେକ ଥର ବିନମ୍ରତାର ସହିତ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ନୂତନ କର୍ମକ୍ଷେତ୍ରକୁ ଚାଲିଯାଆନ୍ତି ଏହା କହି ଦେଇ ଯେ 'ବାକି ଥିବା କାର୍ଯ୍ୟ ଆପଣମାନେ ଆଗେଇ ନେବେ।'

ଥରେ ପଚାରିଲି 'ନନା ଲୋକେ ତ ଏତେ ଚାହୁଁଛନ୍ତି, ତୁମେ ଏଠି ଆଉ କିଛି ଦିନ ରହିଯାଉନ?' ନନା ହସି ହସି ଉତ୍ତର ଦେଲେ, ମା'ରେ! ସବୁବେଳେ ମନେରଖିବୁ ପ୍ରଥମ କଥା ତ ବଦଳି ଡାକରା ଆସିଲା ମାତ୍ରେ ତାକୁ ସମ୍ମାନ ଦେଇ ତୁରନ୍ତ ଚାଲିଯିବା ଉଚିତ। ଦ୍ୱିତୀୟ କଥା ହେଲା, ଯେତେବେଳେ କୌଣସି ସ୍ଥାନରେ ଲୋକେ ତୁମର ଉପସ୍ଥିତି ଚାହୁଁଥିବେ, ସେହି ସମୟରେ ହିଁ ସେ ସ୍ଥାନ ପରିତ୍ୟାଗ କରିବାର ପ୍ରକୃଷ୍ଟ ସମୟ। ତା' ଠାରୁ ଅଧିକ ସମୟ ସେଠି ରହିଲେ, ନିଜର ଲୋକପ୍ରିୟତା କମିଯାଏ ଓ ଯୋଉ ଲୋକ ତୁମର ଉପସ୍ଥିତି ଆଜି ଚାହୁଁଛନ୍ତି, ସେହିମାନେ ହିଁ କହିବେ, ଏ ଲୋକଟା ଯାଉନି କାହିଁକି? କେତେଦିନ ଆଉ ଏଠି ରହିବ? ତେଣୁ, ଚାକିରିରେ କେବେ ବି ଏକ୍ସଟେନଶନ ନେବ ନାହିଁ। ଏକଥା ସେ ତାଙ୍କ ସମସ୍ତ ଚାକିରି କାଳରେ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ। କିନ୍ତୁ ଆମେ ଭାବି ନ ଥିଲୁ ଯେ ଚାକିରି କ୍ଷେତ୍ରରେ ପାଳନ କରୁଥିବା ନିୟମଟା ସେ ଜୀବନକ୍ଷେତ୍ରରେ ମଧ୍ୟ ଲାଗୁ କରିଦେବେ। ଏଇ ମହାମାରୀ ସମୟରେ ଆମେ ସମସ୍ତେ ଯେତେବେଳେ ଏକାଠି ଘରେ ଥିଲୁ ଏବଂ ତାଙ୍କର ଉପସ୍ଥିତି ବହୁତ ଚାହୁଁଥିଲୁ, ସେହି ସମୟରେ ହିଁ ସେ ହଠାତ୍ ଚାଲିଗଲେ। ସମାଜରେ ଯେତେବେଳେ ତାଙ୍କର ଲୋକପ୍ରିୟତା ଥିଲା, ସେଇ ସମୟକୁ ହିଁ ସେ ଯିବା ପାଇଁ ବାଛିଲେ। ବୋଧହୁଏ ଭାବିଲେ, ଯଦି ଆଉ ଅଧିକ ଦିନ ଏଠି ରହିବି, ତେବେ ହୁଏତ ଜରା, ରୋଗ କବଳିତ ହେବି ଓ ମୋ ଚାରିପଟର ଲୋକେ ମତେ କହିବେ, ଏ ଲୋକଟା ଯାଉନି କାହିଁକି? କେତେ ଦିନ ଆଉ ଏଠି ରହିବ? ତେଣୁ ସମ୍ପୂର୍ଣ୍ଣ ସୁସ୍ଥସବଳ ଥିବା ଅବସ୍ଥାରେ, ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ଥିବା ବେଳେ ଶେଷ ପର୍ଯ୍ୟନ୍ତ କର୍ମତତ୍ପର ରହି ଶେଷ ବଦଳି ଅର୍ଡର ଆସିବା କ୍ଷଣି ତୁରନ୍ତ ଚାଲିଗଲେ; ଆଉ ଏକ୍ସଟେନଶନ ନେଲେ ନାହିଁ। ସମାଜ ଓ ପ୍ରକୃତିର ସୁଧାର ପାଇଁ ଚିନ୍ତା କରିଥିବା ଅସୁମାରୀ ସ୍ୱପ୍ନକୁ ସାକାର କରିବାର ଉତ୍ତରଦାୟିତ୍ୱ ଆମ ସମସ୍ତଙ୍କୁ ହସ୍ତାନ୍ତର କରିଦେଇ ଶାନ୍ତିରେ ଶେଷ ବଦଳି ଗ୍ରହଣ କଲେ।



(ଦଶାହ ଉପଲକ୍ଷେ ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କୁ ଶ୍ରଦ୍ଧାଞ୍ଜଳି)

# କଳାବ୍ୟାଜ୍ ପିନ୍ଧିଲେ ଫାର୍ମାସିଷ୍ଟ



ଫାର୍ମାସିଷ୍ଟମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୯।୬**

ଫାର୍ମାସିଷ୍ଟଙ୍କ ପ୍ରତି କରାଯାଉଥିବା ଅବିଚାର ପ୍ରତିବାଦରେ ଓଡ଼ିଶା ଫାର୍ମାସିଷ୍ଟ ସଂଘର ନିଷ୍ପତ୍ତି ଅନୁଯାୟୀ ଢେଙ୍କାନାଳରେ ଫାର୍ମାସିଷ୍ଟମାନେ କଳାବ୍ୟାଜ୍ ପିନ୍ଧି ନୀରବ ପ୍ରତିବାଦ କରିଛନ୍ତି। ଜିଲା ଶାଖା ସମ୍ପାଦକ ଅନିଲ ସାହୁ, ରାଜ୍ୟ କ୍ରିୟାନୁଷ୍ଠାନ କମିଟି ଉପଦେଷ୍ଟା ଦୀପ୍ତିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ରଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଫାର୍ମାସିଷ୍ଟଙ୍କ କ୍ୟାଡର ପ୍ରତିଷ୍ଠା, ଫାର୍ମାସୀ ଅଫିସର ଭାବେ ନାମକରଣ, ୨୦୧୩ରୁ ଚାଲି ଆସିଥିବା ଦରମା ଅସଙ୍ଗତି ଦୂର, ଆର୍ବିଏସ୍କେ ଅଧୀନରେ କାର୍ଯ୍ୟରତ ଫାର୍ମାସିଷ୍ଟଙ୍କୁ ନିୟମିତ କରିବା ଆଦି ଦାବିରେ ସଂଘ ପକ୍ଷରୁ ଏହି ପ୍ରତୀକାତ୍ମକ ଆନ୍ଦୋଳନ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ଜଣାଯାଇଛି। ଆଗାମୀ ଦିନରେ ଦାବିଗୁଡ଼ିକ ପ୍ରତି ବିଚାର କରା ନ ଗଲେ ଫାର୍ମାସିଷ୍ଟମାନେ ଏଲୋପାଥିକ ଡାକ୍ତରୀ ଟିଠାରେ ଔଷଧ ବିତରଣ ଛଡ଼ା ଅନ୍ୟ କୌଣସି ଅତିରିକ୍ତ କାର୍ଯ୍ୟ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।


|| Sradhanjali ||



26. 07. 1945 - 17. 06. 2021

With fathomless grief and a heavy heart, we convey the heartbreaking message of sudden demise of our mother **Smt. Nirmala Dhir** (spouse of Sri Nrusingha Charan Dhir), who left for her heavenly abode, on Thursday, 17 June 2021 (Time : 7.36PM).

Aggrieved
Satyabrata Dhir, Debabrata Dhir, Priyabrata Dhir, Nibedita Dhir & Madhusmita Dhir & Family

**୭୮ ସଂକ୍ରମିତ ଚିହ୍ନଟ**

ଢେଙ୍କାନାଳ ଅଫିସ : ଢେଙ୍କାନାଳ ଜିଲାରୁ ଗତ ୨୪ ଘଣ୍ଟାରେ ୭୮ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨୮୨ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକରେ ୧୫, ଓଡ଼ାପଡ଼ା ବ୍ଲକରେ ୧୧, ସଦର ବ୍ଲକରେ ୧୧, ଢେଙ୍କାନାଳ ପୌରାଞ୍ଚଳରେ ୧୦, ଭୁବନ ବ୍ଲକର ୮ ଏନ୍ଏସିର ୧, କାମାକ୍ଷାନଗର ଏନ୍ଏସିର ୯, ଗଁଦିଆ ବ୍ଲକର ୫, ପରଜଙ୍ଗ ବ୍ଲକର ୪, ହିନ୍ଦୋଳ ବ୍ଲକର ୩ ଏବଂ ଅନ୍ୟ ଚିକିତ୍ସାଳୟରୁ ଜଣେ ଚିହ୍ନଟ ହୋଇଛନ୍ତି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧,୦୭୬ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### ବେଆଇନ ବାଲି ଚାଲାଣ, ୪ ଗାଡ଼ି ଜବତ

ଭୁବନ, ୧୯।୬(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ଭୁବନ ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି ସୁରପ୍ରତାପପୁର ଫାଣ୍ଡି ଅଞ୍ଚଳରେ ଚଢ଼ାଉ କରି ବେଆଇନ ବାଲି ଚାଲାଣ କରୁଥିବା ୨ ହାଇୱା, ଗୋଟିଏ ଟ୍ରକ୍ ଏବଂ ଗୋଟିଏ ଟ୍ରାକ୍ଟର ଜବତ କରିଛନ୍ତି। ଉକ୍ତ ଗାଡ଼ିଗୁଡ଼ିକ ପୁରୁଣା ଟ୍ରାଞ୍ଜିଟ୍ ପାସ୍ ବ୍ୟବହାର କରି ବାଲିଚାଲାଣ କରୁଥିବା ଅଭିଯୋଗ ହୋଇଥିଲା। ସୂଚନା ପାଇ ଭୁବନ ଆର୍ଆଇ ସଞ୍ଜୟ ଭୋଇ, ଗଡ଼ନୃସିଂହପ୍ରସାଦ ଆର୍ଆଇ ଅରବିନ୍ଦ ସାହୁ ସଦଳବଳ ଚଢ଼ାଉ କରିଥିଲେ। ଜବତ ଗାଡ଼ିଗୁଡ଼ିକୁ ସୁରପ୍ରତାପପୁର ଫାଣ୍ଡି ଜିମା ଦିଆଯାଇଛି।

### ସରପଞ୍ଚଙ୍କୁ ହତ୍ୟା ଧମକ

ବଇଣ୍ଡା,୧୯।୬(ଡି.ଏନ୍.ଏ.): ଆଠମଲ୍ଲିକ ବ୍ଲକ ମଇମୁରା ସରପଞ୍ଚ ସତ୍ୟାନନ୍ଦ ରାଉତଙ୍କୁ ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡାର କରୁଣାକର ନାୟକ ହତ୍ୟା ଧମକ ଦେଇଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ନଂ. ୧୫୦/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସତ୍ୟାନନ୍ଦ କାର୍ଯ୍ୟାଳୟରେ ଥିବାବେଳେ କରୁଣାକର ଆସି ନିଜକୁ ଖବରଦାତା ବୋଲି ପରିଚୟ ଦେଇଥିଲେ। ଧୋଡରାଖୋଲ ଗ୍ରାମକୁ କାହିଁକି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କଲ ବୋଲି ପଚାରିବା ସହିତ ୧୦ ହଜାର ଟଙ୍କା ମାଗିଥିଲେ। ସତ୍ୟାନନ୍ଦ ଟଙ୍କା ଦେବାକୁ ବାରଣ କରିବାରୁ କରୁଣାକର ଉତ୍କ୍ଷିପ୍ତ ହୋଇ ତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଅନୁଗୋଳ ଅଫିସ,୧୯।୬: ସମସ୍ତ ଉଠା ଦୋକାନୀଙ୍କ ପଞ୍ଜୀକରଣ ସହ ସରକାରଙ୍କ ଘୋଷିତ କୋଭିଡ୍ ସହାୟତା ଯୋଗାଇ ଦେବାକୁ ଅନୁଗୋଳ ଜିଲା ଅଣସଙ୍ଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସଙ୍ଗଠନ ଅଧକ୍ଷ ଅକ୍ଷୟ କୁମାର ବିଶୋଇ ଓ ସଂଯୋଜକ ରଶ୍ମିରଞ୍ଜନ ସାହୁ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, କରୋନା ସମୟରେ ସହରାଞ୍ଚଳ ଉଠା ଦୋକାନୀ ଓ ବୁଲା ବିକାଳିମାନେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ପୂର୍ବରୁ ପୌରାଞ୍ଚଳରେ ଥିବା ଏହି ହିତାଧିକାରୀମାନଙ୍କ ନାମ ଠିକ୍ ଭାବେ ପଞ୍ଜୀକୃତ ହୋଇ ନ ଥିଲା। ତେଣୁ ଏହି ପ୍ରକ୍ରିୟାରୁ ବାଦ୍ ପଡିଥିବା ଉଠାଦୋକାନୀ ଓ ବୁଲା ବିକାଳିଙ୍କୁ ପଞ୍ଜୀକୃତ କରି ସହାୟତା ପ୍ରଦାନ କରାଯାଉ। ଯୋଗ୍ୟ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏ ଋଣ ଦିଆଯାଉ। ଶ୍ରମିକ କାର୍ଡ ପ୍ରଦାନ କରି ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ବିବାହ ସହାୟତା ରାଶି ଯୋଗାଇ ଦିଆଯାଉ ବୋଲି ଜିଲା ସଂଯୋଜକ ରଶ୍ମିରଞ୍ଜନ ସାହୁ ଦାବି କରିଛନ୍ତି।

### ଚାରା ରୋପଣ ପାଇଁ ଆହ୍ୱାନ

ବଇଣ୍ଡା,୧୯।୬(ଡି.ଏନ.ଏ.): ଜଙ୍ଗଲ ସମ୍ପଦର ଅବକ୍ଷୟ ଜୀବଜଗତ ପାଇଁ ବିପଦ ସୃଷ୍ଟି କରୁଛି। ଏହାର ପ୍ରତିକାର ଲାଗି ଜଣେ ବ୍ୟକ୍ତି ଅନ୍ୟୂନ ଗୋଟିଏ ଚାରା ରୋପଣ କରିବା ଜରୁରୀ ବୋଲି ଶୁକ୍ରବାର ଆଠମଲ୍ଲିକ ବ୍ଲକ ବିନିକେଇସ୍ଥିତ ହନୁମାନ ମନ୍ଦିର ନିକଟରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ କହିଛନ୍ତି। ମୁଖ୍ୟଅତିଥି ଭାବେ ଫରେଷ୍ଟ ଗାର୍ଡ ଦୀପକ ବେହେରା, ବିଜୟ ବେହେରା, ବଜରଙ୍ଗୀ କ୍ଲବର ଜ୍ଞାନରଞ୍ଜନ ଜେନା, କଳ୍ପତରୁ ପ୍ରଧାନ, କେଶବ ଚନ୍ଦ୍ର ସାହୁ, ଶ୍ରୀବତ୍ସ ପ୍ରଧାନ, ପଞ୍ଚାନନ ପ୍ରଧାନ, ସୁଧାକର ରାଉଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୦୦ଟି ନିମ୍ବ, ଆମ୍ବ, ଅଁଳା, ଜାମୁ ଚାରାରୋପଣ କରାଯାଇଥିଲା।

### ୧୮୦ ପରିବାରକୁ ଷ୍ଟିମ୍ ମେଶିନ ବଣ୍ଟନ

ଭୁବନ, ୧୯।୬(ଡି.ଏନ.ଏ.)-ଭୁବନର ସୁନା ଅଳଙ୍କାର ବ୍ୟବସାୟିକ ପ୍ରତିଷ୍ଠାନ 'ଦି ଗୋଲ୍ଡ' ପକ୍ଷରୁ ଅଞ୍ଚଳର ୧୮୦ କରୋନା ଆକ୍ରାନ୍ତ ପରିବାରକୁ ଷ୍ଟିମ୍ ମେଶିନ (ଭାପୋ ଭାଇଜର) ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଏମ୍ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସତର୍କ ରହିଲେ କରୋନା ମହାମାରୀର ମୂଳପୋଛ ହୋଇପାରିବ ବୋଲି ମାର୍ଗଦର୍ଶନ କରାଇଥିଲେ। ପ୍ରତିଷ୍ଠାନର ମାଲିକ ବସନ୍ତ କୁମାର ବିହାରୀ, ଆଦିତ୍ୟ ବାହିନୀ ମହାସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର, ସ୍ଥାନୀୟ ଅଗ୍ନିଶମ ବାହିନୀର ମୁଖ୍ୟ ଅଗ୍ନିକ ଅଂଶୁମାନ ସାହୁ, ଏନ୍ଏସିର ପୂର୍ବତନ ଅଧକ୍ଷ ନନ୍ଦକିଶୋର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦୀପକ ବିହାରୀ ପରିଚାଳନା କରିଥିବା ବେଳେ ଅଜିତ୍ ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ହୀନସ୍ତା କରୁଛନ୍ତି ହାତୀପଲ

ସରୋଜ ମିଶ୍ର
ରାସୋଳ, ୧୯।୬




- ବୁହାଳିପାଳ ପଞ୍ଚାୟତର ୫ ଗ୍ରାମରେ ଆତଙ୍କ
- ରାତି ଅଧରେ ଭାଙ୍ଗୁଛନ୍ତି ଘରଦ୍ୱାର
- ନାହାନ୍ତି ଆବଶ୍ୟକ ବନ କର୍ମଚାରୀ
- ଅଞ୍ଚଳବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ଜଙ୍ଗଲରେ ଖାଦ୍ୟ ଅଭାବ। ହାତୀ ଭଳି ବିଶାଳକାୟ ପ୍ରାଣୀଙ୍କ ଅପୂରା ରହୁଛି ପେଟ। ଖାଦ୍ୟ ଆଶାରେ ସେମାନେ ଏବେ ଜନବସତି ମୁହାଁ ହେଉଛନ୍ତି। ଅଧରାତିରେ ଗାଁରେ ପଶୁଛନ୍ତି। ଝାଟିମାଟି ଘର ଭାଙ୍ଗି ଆତଙ୍କ ସୃଷ୍ଟି କରୁଛନ୍ତି। ଗରିବ ଲୋକେ ସାଇତିଥିବା ଧାନଚାଉଳ ଖାଇଯାଉଛନ୍ତି। ମାତ୍ର କେଇ ଘଣ୍ଟାରେ ଉଜାଡ଼ି ଦେଉଛନ୍ତି ବାଡ଼ିବଗିଚା। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକର ହାତୀ ଉପଦ୍ରୁତ ରାସୋଳ ସେକ୍ସନରେ ଏଭଳି ଘଟଣା ନିତିଦିନିଆ ହୋଇଛି। ବମ୍ପାରଗଡ଼ି ଜଙ୍ଗଲରେ ଡେରା ପକାଇଥିବା ୩୪ ହାତୀଙ୍କ ଉପଦ୍ରବ ଚରମସୀମାରେ ପହଞ୍ଚିଥିବାବେଳେ ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛି ବୁହାଳିପାଳ ପଞ୍ଚାୟତର ୫ ଗାଁ। ବର୍ଷାରାତିରେ ହାତୀପଲ ହୀନସ୍ତା କରୁଥିବାବେଳେ ଜୀବନ ବିକଳରେ ଛୋଟଛୋଟ ପିଲାଙ୍କୁ ନେଇ ପର ଦୁଆରେ ଆଶ୍ରା ଖୋଜୁଛନ୍ତି ଗରିବ ପରିବାର। କର୍ମଚାରୀ ଅଭାବରୁ ହାତୀ ଘଉଡ଼ାଇବାକୁ ଯାଇ ବନ ବିଭାଗ ନୟାନ୍ତ ହେଉଥିବାବେଳେ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ଦାନାବାନ୍ଧିବା ଆରମ୍ଭ କଲାଣି।

ହିନ୍ଦୋଳ ବନାଞ୍ଚଳର ଦଣ୍ଡିରି, ରାସୋଳ, ଖଲିବୋରେଇ ଏବଂ ବାବନ୍ଧ ସେକ୍ସନ ସର୍ବାଧିକ ହାତୀ ଉପଦ୍ରୁତ ଅଞ୍ଚଳ ଭାବେ ପରିଚିତ। ହେଲେ ହାତୀଙ୍କ ମୁକାବିଲା ଲାଗି ବନ କର୍ମଚାରୀଙ୍କ ଅଭାବ ଅନୁଭୂତ ହେଉଛି। ଦଣ୍ଡିରି ଓ ରାସୋଳ ଦାୟିତ୍ୱରେ ଜଣେ ଫରେଷ୍ଟର ରହିଥିବାବେଳେ ଖଲିବୋରେଇ ଏବଂ ବାବନ୍ଧ ଲାଗି ଅନ୍ୟ ୨ ଜଣ ଅଛନ୍ତି। ଦଣ୍ଡିରି ସେକ୍ସନର ପରିସୀମା ବ୍ୟାପକ। ତେଣୁ ଜଣେ ଫରେଷ୍ଟରଙ୍କ ପକ୍ଷେ ଉଭୟ ସେକ୍ସନ୍‌ର ଦାୟିତ୍ୱ ତୁଲାଇବା କଷ୍ଟକର ହୋଇପଡୁଛି। ସେହିପରି ସମୁଦାୟ ୪ଜଣ ଗାର୍ଡଙ୍କ ମଧ୍ୟରୁ ୨ଜଣ ଦଣ୍ଡିରିରେ ମୁତୟନ ଅଛନ୍ତି। ଅନ୍ୟ ୨ଜଣଙ୍କ ଭିତରୁ ଜଣଙ୍କୁ ରାସୋଳ ଏବଂ ହାତୀ ଉପଦ୍ରବ ବଢୁଥିବାରୁ ଅନ୍ୟ ଜଣଙ୍କୁ ବୁହାଳିପାଳର ଦାୟିତ୍ୱ ଦିଆଯାଇଛି। ହାତୀଙ୍କ ଉପରେ ନଜର ରଖିବାକୁ ସମୁଦାୟ ୮ ସ୍କ୍ୱାଡ୍ କର୍ମଚାରୀ ବିଭିନ୍ନ ସ୍ଥାନରେ ନିୟୋଜିତ ଅଛନ୍ତି। ଦଣ୍ଡିରିରୁ ବୁହାଳିପାଳର ଦୂରତା ୧୫ କି.ମି। ଏକାସଙ୍ଗରେ ଉଭୟ ପାର୍ଶ୍ୱରେ ହାତୀ ଉପଦ୍ରବ କଲେ ବନ କର୍ମଚାରୀ ଉପାୟଶୂନ୍ୟ ହୋଇପଡୁଛନ୍ତି। ଗତ ୪ଦିନ ହେଲା ବୁହାଳିପାଳ ପଞ୍ଚାୟତର ଅଁଳାବେଡ଼ା, ବୁହାଳିପାଳ, ପଶାସିଂ, ଭାଲିଆଗୋଠ, ବିଦ୍ୟାଧରପୁର ଗ୍ରାମରେ ହାତୀ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ଏକ ପଲରେ ୩୪ ହାତୀ ଆତଙ୍କ ସୃଷ୍ଟି କରି ଚାଲିଛନ୍ତି। ବନ ବିଭାଗ ପାଖରେ ଆବଶ୍ୟକ କର୍ମଚାରୀ, ଆନୁଷଙ୍ଗିକ ଉପକରଣ ନ ଥିବାରୁ ହାତୀଙ୍କୁ ଘଉଡ଼ାଇବାରେ ସମସ୍ୟା ସୃଷ୍ଟି ହେଉଛି। ହାତୀ ପାଇଁ ବ୍ୟାପକ ଧନଜୀବନ ହାନି ହେଲାଣି। ତେଣୁ ଜିଲା ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବାକୁ ଉପଦ୍ରୁତ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ରାସୋଳ ଫରେଷ୍ଟର ସୁଦର୍ଶନ ଦେହୁରୀ କୁହନ୍ତି, ହାତୀପଲ ଉପରେ ବନ ବିଭାଗ ସତର୍କ ନଜର ରଖିଛି। କର୍ମଚାରୀ ଅଭାବରୁ ସମସ୍ୟା ଉପୁଜୁଛି। ତଥାପି ସ୍ୱଳ୍ପସଂଖ୍ୟକ କର୍ମଚାରୀଙ୍କୁ ନେଇ ହାତୀ ଘଉଡ଼ାଇବାକୁ ଉଦ୍ୟମ କରାଯାଉଛି। କ୍ଷତିଗ୍ରସ୍ତ ପରିବାରକୁ ମିଳୁଥିବା ସହାୟତା ପ୍ରଦାନ ପ୍ରକ୍ରିୟାରେ ସରକାର ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ବନ ବିଭାଗ ପକ୍ଷରୁ ସିଧାସଳଖ କ୍ଷତିପୂରଣ ଦିଆଯାଉଥିଲା। ଏବେ ଜନସେବା କେନ୍ଦ୍ରରେ ଆବଶ୍ୟକ କାଗଜପତ୍ର ଦାଖଲ ପରେ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ଆସୁଥିବା ସେ ସୂଚନା ଦେଇଛନ୍ତି।

### ପର ଦୁଆରେ ମୁଣ୍ଡ ଗୁଞ୍ଜୁଛୁ



ଗାଁ ମୁଣ୍ଡରେ ଥିବା ଗୋଟିକିଆ ଘରଗୁଡ଼ିକୁ ହାତୀପଲ ବେଶି ଭାଙ୍ଗୁଛନ୍ତି। ଭାତ, ଧାନ, ଚାଉଳ ଖାଇବା ଆଶାରେ ସେମାନେ ରାତି ଅଧରେ ଉପଦ୍ରବ କରୁଛନ୍ତି। ହାତୀ ପାଇଁ ଝାଟିମାଟି କୁଡ଼ିଆରେ ବାସ କରୁଥିବା ଗରିବ ପରିବାର ସବୁଠାରୁ ବେଶି ପ୍ରଭାବିତ ହେଉଛନ୍ତି। ବର୍ଷା ରାତିରେ ଘରଦ୍ୱାର, ଆସବାବପତ୍ର ଛାଡ଼ି ପର ଦୁଆରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ କରୋନା ସମୟରେ ମିଳିଥିବା ଚାଉଳ ହାତୀ ଖାଇଯାଇଛନ୍ତି। ଖାଇବାକୁ ନ ଥିବାରୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଛି।

-ସଂଘମିତ୍ରା ସାହୁ, ଅଁଳାବେଡ଼ା

### ବର୍ଷା ରାତିରେ ହଟହଟା ହେଉଛୁ



ସଞ୍ଜ ଗଡ଼ିଲେ ହାତୀଭୟ ଲାଗିରହୁଛି। ରାତି ଅଧରେ ହାତୀ ବାହାରି ଘରଦ୍ୱାରା ଭାଙ୍ଗି ପକାଉଛନ୍ତି। ଜୀବନ ବିକଳରେ ପିଲାଛୁଆଙ୍କୁ ଧରି ଗ୍ରାମର କୋଠାଘରେ ଆଶ୍ରୟ ନେବାକୁ ବାଧ ହେଉଛୁ। ସରକାରୀ କ୍ଷତିପୂରଣ ଲାଗି ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଛି। ହାତୀଙ୍କୁ ଘଉଡ଼ାଇବା ଲାଗି ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ କେତେବେଳେ ଜୀବନ ଯିବ ତାହା କହିହେଉନି। ହାତୀ ଉପଦ୍ରବ କରୁଥିବା ଅଞ୍ଚଳର ଗରିବ ଲୋକଙ୍କ ତାଲିକା ପ୍ରସ୍ତୁତ କରି ଆବାସ ଯୋଜନାରେ ସାମିଲ କରାଗଲେ ସମସ୍ୟାର ସମାଧାନ ହୋଇପାରନ୍ତା।

-ଧନେଶ୍ୱର ପଧାନ, ବୁହାଳିପାଳ

### ଜୀବନ ପ୍ରତି ବିପଦ ବଢୁଛି



ହାତୀ ଉପଦ୍ରବରେ ଗାଁ ମୁଣ୍ଡରେ ଥିବା ବଖରାଏ କୁଡ଼ିଆ ଘର ଭାଙ୍ଗିଯାଇଛି। ବର୍ଷାଦିନେ ବାସହରା ହୋଇଯିବା ପରେ କଷ୍ଟ ବଢ଼ିଛି। ବର୍ଷକ ପାଇଁ ସାଇତି ରଖାଯାଇଥିବା ସବୁ ଖାଦ୍ୟଶସ୍ୟ, ଧାନଚାଉଳ ହାତୀ ଖାଇଦେଇଛନ୍ତି। ଘରେ ଖାଇବାକୁ ଆଉ କିଛି ନାହିଁ। କରୋନା ମହାମାରୀ ସମୟରେ ରୋଜଗାର ନ ଥିବାବେଳେ ଏଭଳି ସମସ୍ୟା ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ସରକାର ଆମ ଭଳି ଗରିବ ପରିବାରକୁ ସହାୟତାର ହାତ ବଢ଼ାଇଲେ ଭଲ ହୁଅନ୍ତା।

-କବିତା ପଧାନ, ବୁହାଳିପାଳ

### ସଂଯୋଗ ବିଚ୍ଛିନ୍ନ ବେଳେ ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ

ବଇଣ୍ଡା, ୧୯।୬(ଡି.ଏନ୍.ଏ.)

ଚୋରା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ଯାଇଥିବାବେଳେ ଆକ୍ରମଣର ଶିକାର ହୋଇଛନ୍ତି ବଇଣ୍ଡା ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ତଥା ଟିପୋ ଗ୍ରାମର ପଙ୍କଜ ଖିଲାର ଏବଂ ତାଙ୍କ ସହକର୍ମୀ। ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତିଳେଶ୍ୱର ଗ୍ରାମରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। କନିଷ୍ଠ ଯନ୍ତ୍ରୀଙ୍କ ଅଭିଯୋଗକ୍ରମେ ଅରୁଣ ବିଶ୍ୱାଳ ଓ ଟୁନା ସାହୁଙ୍କ ନାମରେ ନଂ.୧୪୯/୨୧ରେ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗ୍ରାମରେ ଅରୁଣଙ୍କ ଏକ କୁକୁଡ଼ା ଫାର୍ମ ରହିଛି। ସନ୍ଧ୍ୟା ହେଲେ ସେ ବେଆଇନ ଭାବେ ହୁକ ପକାଇ ଉକ୍ତ ଫାର୍ମକୁ ବିଦ୍ୟୁତ୍ ସଂଯୋଗ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଯନ୍ତ୍ରୀ ପଙ୍କଜ ବିଭାଗୀୟ କର୍ମଚାରୀ ନିରଞ୍ଜନ ପ୍ରଧାନ, ସୁନୀଲ ସାହୁ, ସୁରେନ ସାହୁ, ବରୁଣ ନାୟକ, ଶ୍ରୀକାନ୍ତ ପ୍ରଧାନଙ୍କ ସହ ଏକ ବୋଲେରୋରେ ଗ୍ରାମରେ ପହଞ୍ଚି ହୁକ କାଟିଦେବା ସହ ବିଦ୍ୟୁତ୍ ବିଚ୍ଛିନ୍ନ କରିଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅରୁଣ ଏବଂ ତାଙ୍କ ସହଯୋଗୀ ଟୁନା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଠେଙ୍ଗାରେ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଶନିବାର ପୋଲିସର ଏକ ଟିମ୍ ଦୁଇ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ବିଦ୍ୟୁତ୍ ତାର ସହ ଅନ୍ୟ ବୈଦ୍ୟୁତିକ ଯନ୍ତ୍ରପାତି ଜବତ କରିଛନ୍ତି। ତେବେ ସେମାନେ ଫେରାର ହୋଇଯାଇଥିବା ଠାକୁରଗଡ ଆଇଆଇସି ପୀତାମ୍ବର ମଲ୍ଲିକ ସୂଚନା ଦେଇଛନ୍ତି।

# ଶାନ୍ତି ଫେରାଇ ଆଣିବାକୁ ନିବେଦନ



ବୈଠକରେ ଭାଜପା ନେତୃବୃନ୍ଦ।

କାମାକ୍ଷାନଗର, ୧୯।୬(ଡି.ଏନ.ଏ.)

**କାମାକ୍ଷାନଗର ଗୁଳିକାଣ୍ଡ ଘଟଣା**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଳିକା ସ୍କୁଲ ଏବଂ ସାରଙ୍ଗଧର ଷ୍ଟାଡିୟମ ନିକଟରେ ହୋଇଥିବା ଗୁଳିମାଡ଼ ଘଟଣା ସ୍ଥାନୀୟ ଅଞ୍ଚଳକୁ ଅଶାନ୍ତ କରିଦେଇଛି। କାମାକ୍ଷାନଗର ଭଳି ଶାନ୍ତିପ୍ରିୟ ଅଞ୍ଚଳ ଦିନକୁ ଦିନ ଅପରାଧପ୍ରବଣ ହୋଇପଡୁଥିବାବେଳେ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ଭାଜପା ନେତା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି। ଅଞ୍ଚଳରେ ଭାଇଚାରା ଫେରାଇ ଆଣିବା ସହ ଶାନ୍ତିପୂର୍ଣ୍ଣ ଭାବେ ଏକାଠି ବାସ କରିବାକୁ ସେ ଦୁଇସାହି ବାସିନ୍ଦାଙ୍କୁ ନିବେଦନ କରିଛନ୍ତି।

ରୁଦ୍ରନାରାୟଣ କହିଛନ୍ତି, ୨୦୧୭ କାମାକ୍ଷାନଗର କଲେଜ ନିର୍ବାଚନ ପରଠାରୁ ଗୋଡ଼ିସାହି ଓ କଲୋନୀସାହି ମଧ୍ୟରେ ବିବାଦ ଲାଗିରହିଛି। ଉଭୟ ସାହିର ଛାତ୍ର ଗୋଷ୍ଠୀଙ୍କ ଭିତରେ ବିଭିନ୍ନ ସମୟରେ ମାରପିଟ ହୋଇ ମାମଲା ରୁଜୁ ହୋଇଛି। ହେଲେ ବିବାଦର ସମାଧାନ ଲାଗି ସ୍ଥାନୀୟ ଜନପ୍ରତିନିଧି କିମ୍ବା ପୋଲିସ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଗଲାନାହିଁ। ତେଣୁ ଗତ ମଙ୍ଗଳବାର ରାତିରେ ଗୁଳିମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୨ଜଣ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି।

କାମାକ୍ଷାନଗର ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ବିଗତ ଦିନରେ କାମାକ୍ଷାନଗର ବଜାରରେ ସ୍ୱଷ୍ଟ ଦିବାଲୋକରେ ବିଜେଡି ନେତା ଯଶୋବନ୍ତ ପରିଡ଼ାଙ୍କ ଗାଡ଼ି ଉପରକୁ ବୋମା ଓ ଗୁଳି ମାଡ଼ କରି ହତ୍ୟା କରାଯାଇଥିଲା। ବାରମ୍ବାର ଏଭଳି ଘଟଣା ଅଞ୍ଚଳର ଶାନ୍ତିଭଙ୍ଗ କରୁଛି। ଏଥିପ୍ରତି ଜନପ୍ରତିନିଧି ଗୁରୁତ୍ୱ ଦେବା ଜରୁରୀ। ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ଲାଗି ସମସ୍ତ ସହଯୋଗ କରିବେ ବୋଲି ସେ କହିଛନ୍ତି। ବୈଠକରେ ଭାଜପା ନେତା ପବିତ୍ର ବିଶ୍ୱାଳ, ଅଶ୍ୱିନୀ ମହାପାତ୍ର, ସନ୍ଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କୋଭିଡ୍ ଯୋଦ୍ଧା ମାନ୍ୟତା ଦାବି କଲା ଶିକ୍ଷକ ମହାସଂଘ

ଛେଣ୍ଡିପଦା, ୧୯।୬(ସ୍ୱ.ପ୍ର.)

ଶିକ୍ଷକଙ୍କୁ କୋଭିଡ୍ ଯୋଦ୍ଧା ମାନ୍ୟତା ପ୍ରଦାନ ସହିତ ଅଗ୍ରାଧିକାର ଭିତ୍ତିରେ ଟିକାକରଣ କରିବା ଲାଗି ଛେଣ୍ଡିପଦା ବ୍ଲକ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଦାବି ହୋଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶରେ ଶିକ୍ଷୟିତ୍ରୀଶିକ୍ଷକମାନେ ଘର ଘର ବୁଲି କରୋନା ସର୍ଭେ କରି ସବିଶେଷ ତଥ୍ୟ ପ୍ରଶାସନ ନିକଟରେ ଦାଖଲ କରୁଛନ୍ତି। ଏହି କାର୍ଯ୍ୟରେ ନିୟୋଜିତ ଆଶା, ଅଙ୍ଗନୱାଡ଼ି କର୍ମୀଙ୍କୁ କୋଭିଡ୍ ଯୋଦ୍ଧାର ମାନ୍ୟତା ମିଳିଛି। ତେବେ ଜୀବନକୁ ବାଜି ଲଗାଇ କରୋନା ବିରୋଧରେ ଲଢ଼େଇ ଜାରି ରଖିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏଥିରୁ ବଞ୍ଚିତ କରାଯାଇଥିବା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ତୁରନ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କୋଭିଡ୍ ଯୋଦ୍ଧାର ମାନ୍ୟତା ପ୍ରଦାନ କରିବାକୁ ଏକ ଦାବିପତ୍ର ଡାକଯୋଗେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଶିକ୍ଷକ ମହାସଂଘ ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ଲକ୍ଷ୍ମଣ ସାହୁ, କୋଷାଧକ୍ଷ ଧନେଶ୍ୱର ସ୍ୱାଇଁ ପ୍ରମୁଖ ସୂଚନା ଦେଇଛନ୍ତି।

### ଆଶାକର୍ମୀଙ୍କୁ ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ

ବଇଣ୍ଡା, ୧୯।୬(ଡି.ଏନ୍.ଏ.)

କିଶୋରନଗର ବ୍ଲକ ବଇଣ୍ଡା ମେଡିକାଲ ଅଧୀନରେ କାର୍ଯ୍ୟରତ ୨୪ ଆଶାକର୍ମୀଙ୍କୁ ଶନିବାର ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ କରାଯାଇଛି। ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ସାହୁ ଆଶାକର୍ମୀଙ୍କୁ ଇନ୍‌ଫ୍ରାଏଡ୍ ଥର୍ମୋମିଟର, ଅକ୍ସିମିଟର, ଏନ୍-୯୫ ମାସ୍କ ବଣ୍ଟନ କରିଥିଲେ। ଡାକ୍ତର ପ୍ରିୟବ୍ରତ ଦାସ, ବିଚିତ୍ରାନନ୍ଦ ସାହୁ, ଆୟୁଷ ଡାକ୍ତର ସରୋଜ ନନ୍ଦ, ବ୍ଲକ ଉପାଧକ୍ଷ ସୁନୀଲ ପ୍ରଧାନ, ସରପଞ୍ଚ ଜଳଧର ସାହୁ, ଆଇନଜୀବୀ ଉଗ୍ରସେନ ସେଠୀ, ବିଜେଡି ନେତା ସନ୍ତୋଷ ପ୍ରଧାନ, ଗିରୀଶ ବେହେରା, ଦୁଷ୍ମନ୍ତ ଦେହୁରୀ, ବାମଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଆଶାକର୍ମୀଙ୍କୁ ସ୍ୱାସ୍ଥ୍ୟ ଉପକରଣ ବଣ୍ଟନ କରାଯାଉଛି।

### ୩ ଆମ୍ବୁଲାନ୍ସ ଲୋକାର୍ପିତ

ତାଳଚେର, ୧୯।୬(ନି.ପ୍ର.)

କୋଭିଡ୍-୧୯ ମହାମାରୀ ଭୟାବହତାକୁ ଦୃଷ୍ଟିରେ ରଖି ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶନିବାର ୩ ଆମ୍ବୁଲାନ୍ସ ଏବଂ ଗୋଟିଏ ଶବବାହକ ଯାନ ଲୋକାର୍ପିତ ହୋଇଛି। ସ୍ଥାନୀୟ ପବିତ୍ର ମୋହନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ପିଏମ୍ଆଇଟି) ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ଲୋକାର୍ପଣ କାର୍ଯକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପିଏମ୍ଆଇଟି ସଭାପତି ଡା. ଦେବେନ୍ଦ୍ର ପ୍ରଧାନ, ଟ୍ରଷ୍ଟ ଅଧକ୍ଷା ମୃଦୁଳା ଠାକୁର ପ୍ରଧାନ, ସଦସ୍ୟା ବସନ୍ତ ମଞ୍ଜରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆମ୍ବୁଲାନ୍ସ ଏବଂ ଶବବାହକ ଯାନ ଦ୍ୱାରା ଅଞ୍ଚଳବାସୀ ଉପକୃତ ହୋଇପାରିବେ। ଏଥିଲାଗି ଏକ ମୋବାଇଲ ନଂ. ୮୮୯୫୭୧୫୦୫୪ ଜାରି କରାଯାଇଛି। ପିଏମ୍ଆଇଟିର ସମସ୍ତ ଅଧାପିକାଅଧାପକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।




ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରାଯାଉଛି।

# କାମାକ୍ଷାନଗରରେ ଚନ୍ଦକା ପୋଲିସ

କାମାକ୍ଷାନଗର(ଡି.ଏନ.ଏ.)/
ଭୁବନେଶ୍ୱର(ବ୍ୟୁରୋ),୧୯।୬

- ୯ ବର୍ଷ ପୁରୁଣା ହତ୍ୟା ମାମଲାର ଖୋଳତାଡ଼
- ବିଭିନ୍ନ ସ୍ଥାନରେ ଲାଗିଲା ମୃତ ମହିଳାଙ୍କ ପୋଷ୍ଟର

ରାଜଧାନୀ ଭୁବନେଶ୍ୱରରେ ସଂଘଟିତ ଏକ ହତ୍ୟା ମାମଲାର ଖୋଳତାଡ଼ କରିବାକୁ ଶନିବାର ଚନ୍ଦକା ପୋଲିସର ଏକ ୪ଜଣିଆ ଟିମ୍ ଢେଙ୍କାନାଳ ଜିଲା କାମାକ୍ଷାନଗରରେ ପହଞ୍ଚିଛନ୍ତି। ହତ୍ୟାର ଶିକାର ହୋଇଥିବା ମହିଳାଙ୍କ ସ୍କେଚ୍ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ମରାଯାଇଛି। ସମ୍ପୃକ୍ତା ମହିଳାଙ୍କ ପରିଚୟ ସମ୍ପର୍କରେ ସୂଚନା ମିଳିଲେ ଥାନାଧିକାରୀ ସୁନୀଲ କୁମାର କରଙ୍କ ମୋବାଇଲ (ନଂ. ୮୨୮୦୩୩୮୩୨୩/ ୯୪୩୮୪୯୯୫୯) କିମ୍ବା ଜୋନ୍ ଏସିପିଙ୍କ ମୋବାଇଲ (ନଂ. ୮୨୮୦୩୩୮୨୯୬)ରେ ଅବଗତ କରାଇବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ଚନ୍ଦକା ଥାନା ଅଧୀନ ଗୋଠପାଟଣାର ଏକ ଆମ୍ବ ବଗିଚାର ଏକ ବୁଦାମୂଳରୁ ୨୦୧୨ ମେ ୨୭ରେ ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରାଯାଇଥିଲା। ତାଙ୍କର ଆନୁମାନିକ ବୟସ ୨୫ରୁ ୩୦ ହେବ। ତେବେ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ନ ହେବାରୁ ପୋଲିସ ନିଜ ତରଫରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟରେ ତାଙ୍କୁ ପଥରରେ ଛେଚି ମାରଣାସ୍ତ୍ରରେ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଘଟଣାର ଅଢ଼େଇ ବର୍ଷ ପରେ ଅର୍ଥାତ୍ ୨୦୧୫ ଜାନୁୟାରୀ ୧୯ରେ ପୋଲିସ ନଂ.୧୨/୧୫ ଏକ ହତ୍ୟା ମାମଲା ରୁଜୁ କରିଥିଲା। ହେଲେ ତଦନ୍ତରେ ଶୀଥିଳତା କାରଣରୁ ଅଦ୍ୟାବଧି ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ ହୋଇପାରିନାହିଁ। ଏପରି କି ମହିଳାଙ୍କ ପରିଚୟ ମଧ୍ୟ ମିଳିପାରିନି। ତେବେ ଘଟଣା ଦିନ ମୃତଦେହ ନିକଟରୁ ଏକ ପଲିଥିନ୍ ଭର୍ତ୍ତି ଲୁଗାପଟା ମିଳିଥିଲା। ଉକ୍ତ ବ୍ୟାଗ୍‌ରେ କାମାକ୍ଷାନଗରର ଏକ ଡ୍ରେସ୍ ଦୋକାନର ନାମ ଲେଖାଯାଇଥିଲା। ମହିଳା ଜଣକ କାମାକ୍ଷାନଗର ଅଞ୍ଚଳର ହୋଇଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ତେଣୁ ଚନ୍ଦକା ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଶନିବାର ଉକ୍ତ ୪ ଜଣିଆ ଟିମ୍ କାମାକ୍ଷାନଗରରେ ପହଞ୍ଚି ସ୍ଥାନୀୟ ଥାନାଧିକାରୀଙ୍କ ସହିତ ହତ୍ୟାକାଣ୍ଡ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏଥିସହିତ ସମ୍ପୃକ୍ତ ଡ୍ରେସ୍ ଦୋକାନ ମାଲିକଙ୍କୁ ପଚରାଉଚୁରା କରିବା ସହିତ ଢେଙ୍କାନାଳ ହସ୍ପିଟାଲ, ଥାନା ଅଞ୍ଚଳର ବିଭିନ୍ନ ଗ୍ରାମ, ମନ୍ଦିରରେ ମହିଳାଙ୍କ ପୋଷ୍ଟର୍, ହତ୍ୟାକାଣ୍ଡ ସ୍ଥଳର ଫଟୋଚିତ୍ର ଲଗାଇଛନ୍ତି।

ସୂଚନାଯୋଗ୍ୟ, ଭୁବନେଶ୍ୱର କମିଶନରେଟ୍ ପୋଲିସ ଅଞ୍ଚଳରେ ଘଟିଥିବା ୮ ପୁରୁଣା ହତ୍ୟାକାଣ୍ଡ ମାମଲାରେ ମୃତବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ଫଳରେ ଏଭଳି ସମ୍ବେଦନଶୀଳ ଘଟଣା ଏବେ ବି ରହସ୍ୟାବୃତ ହୋଇରହିଛି। ଇତିମଧ୍ୟରେ ମାମଲାଗୁଡ଼ିକରେ ଏକାଧିକ ତଦନ୍ତ ଅଧିକାରୀ ବଦଳିଲେଣି। ତଥାପି ତଦନ୍ତ ଆଗକୁ ବଢ଼ିପାରୁନି। ତେଣୁ ଉକ୍ତ ୮ ହତ୍ୟା ମାମଲାକୁ ପ୍ରାଥମିକତା ଦିଆଯାଇ ମୃତବ୍ୟକ୍ତିଙ୍କ ପରିଚୟ ଖୋଜିବାକୁ ପୋଲିସ ଜୋର୍ ଦେଉଛି। ଏହିକ୍ରମରେ ଚନ୍ଦକା ଥାନା ଗୋଠପାଟଣା ଆମ୍ବତୋଟାରୁ ଜବତ ହୋଇଥିବା ମୃତ ମହିଳାଙ୍କ ପରିଚୟ ଜାଣିବାକୁ ପୋଲିସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।



ହତ୍ୟାର ଶିକାର ହୋଇଥିବା ମହିଳାଙ୍କ ପୋଷ୍ଟର ଲଗାଯାଉଛି।

